## ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ

ସଂଖ୍ୟା ୫୫୧୫ / ତା ୨୭/୧୧/୨୫ //

# ସର୍ବ ସାଧାରଣ ନୋଟିସ

ଏତଦଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେଉଁ କ୍ଷୁଦ୍ର ଜମାକାରୀମାନେ ଓଡିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ତାଲିକା ଯଥା ମାନ୍ୟବର ତଦନ୍ତ କମିଶନ ଦ୍ୱାରା ସୁପାରିଶ ଏବଂ ଗୋଲଡେନ ଲାଣ୍ଡ ଡେଭେଲପର ଗ୍ରୁପ ଅଫ କମ୍ପାନିଜ ଅନ୍ତର୍ଭୁକ୍ତ ଅଟନ୍ତି ଏବଂ ବିଭିନ୍ନ କାରଣ ବଶତଃ ଏଯାବତ କ୍ଷତି ପୂରଣ ପାଇନାହାନ୍ତି, ସେମାନେ ମୟୁରଭଞ୍ଜ ଜିଲ୍ଲା ସରକାରୀ ୱେବସାଇଟ **https://mayurbhanj.odisha.gov.in/** ରେ ନିଜ ନାମକୁ ଯାଞ୍ଚ କରି ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଓ ତହସିଲ ସହିତ ଯୋଗାଯୋଗ କରି ନିଜ ଦରଖାସ୍ତର ସ୍ଥିତି ଜାଣିବା ନିମନ୍ତେ ଅନୁରୋଧ କରାଯାଉଅଛି ।

ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ସାକ୍ଷାତ କରିଯିବା ସମୟରେ ନିମ୍ନ ଲିଖିତ ଦସ୍ତାବିଜ ଗୁଡିକ ସାଙ୍ଗରେ ଆଣିବା ବିଧେୟ ।

(୧) ଯେ କୌଣସି ପ୍ରମାଣ ପତ୍ର (ଆଧାର କାର୍ଡ/ ଭୋଟର ପରିଚୟ ପତ୍ର/ ଡ୍ରାଇଭିଂ ଲାଇସେନ୍ସ ଇତ୍ୟାଦି) ।

(୨) ଚିଟ ଫଣ୍ଡ କମ୍ପାନୀ ରେ ଟଙ୍କା ଜମା ରଖିଥିବା ର ପ୍ରମାଣ ସ୍ୱରୂପ ଅସଲି ରସିଦ (original money receipt) ।

(୩) ବ୍ୟାଙ୍କ ଖାତା ର ସବିଶେଷ ବିବରଣୀ (କେବଳ ତଦନ୍ତ କମିଶନ ନିମନ୍ତେ ପ୍ରଯୁଜ୍ୟ) ।

ମାନ୍ୟବର ତଦନ୍ତ କମିଶନଙ୍କ ଦ୍ୱାରା ସୁପାରିଶ ହୋଇ ଅଦ୍ୟାବଧି କ୍ଷତିପୂରଣ ପାଇ ନଥିବା ଯୋଗ୍ୟ କ୍ଷୁଦ୍ର ଜମାକାରୀ ମାନଙ୍କ ତାଲିକା ଏବଂ ଯେଉଁ ମାନଙ୍କର ଠିକଣା ମିଳି ପାରୁନାହିଁ (not mapped) ସେମାନଙ୍କ ତାଲିକା ଏଥିସହିତ **ପରିଶିଷ୍ଟ "କ"** ରେ ସଂଲଗ୍ନ କରାଗଲା ।

ଗୋଲଡେନ ଲାଣ୍ଡ ଡେଭେଲପର ଗ୍ରୁପ ଅଫ କମ୍ପାନିଜ ଅନ୍ତର୍ଭୁକ୍ତ କ୍ଷତିଗ୍ରସ୍ତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ମାନଙ୍କ ତାଲିକା ଏଥି ସହିତ **ପରିଶିଷ୍ଟ "ଖ"** ରେ ସଂଲଗ୍ନ କରାଗଲା

Additional District Magistrate
Mayurbhanj

ଅତିରିକ୍ତ ଜିଲ୍ଲା ପାଳ, ମୟୂରଭଞ୍ଜ ତଥା –

ନୋଡାଲ ଅଧିକାରୀ , ଓ . ପି . ଆଇ . ଡି

ଜ୍ଞାପନ ସଂଖ୍ୟା ୫୫15 ତା ୨୨/11/୨୫ //

ଏହାର ଏକକିତା ନକଲ ଅତିରିକ୍ତ ଶାସନ ସଚିବ, ଅର୍ଥ ବିଭାଗ , ଓଡିଶା ସରକାରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୨୭.୧୧.୨୫

Additional District Magistrate
Mayurbhanj

ଅତିରିକ୍ତ ଜିଲ୍ଲା ପାଳ, ମୟୁରଭଞ୍ଜ - ତଥା –
ନୋଡାଲ ଅଧିକାରୀ , ଓ . ପି . ଆଇ . ଡି

ଜ୍ଞାପନ ସଂଖ୍ୟା ୫୫16 ତା ୨୨/11/୨୫ //

ଏହାର ଏକକିତା ନକଲ ଜିଲ୍ଲାର ସମସ୍ତ ଉପ-ଜିଲ୍ଲାପାଳ/ ସମସ୍ତ ତହସିଲଦାର ମାନଙ୍କ ଅବଗତି ଏବଂ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଆସିଷ୍ଟାଣ୍ଟ ଡାଇରେକଟର, ସଞ୍ଚୟ ଏବଂ ଫାଇନାନସିଆଲ ସର୍ଭିସେସ, ମୟୁରଭଞ୍ଜ ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୨୭.୧୧.୨୫

Additional District Magistrate
Mayurbhanj

ଅତିରିକ୍ତ ଜିଲ୍ଲା ପାଳ, ମୟୁରଭଞ୍ଜ - ତଥା –
ନୋଡାଲ ଅଧିକାରୀ , ଓ . ପି . ଆଇ . ଡି

ଜ୍ଞାପନ ସଂଖ୍ୟା ୫୫17 ତା ୨୨/11/୨୫ //

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭରନାନ୍ସ ପରିଚାଳକ, ମୟୁରଭଞ୍ଜ ଙ୍କ ଅବଗତି ଏବଂ ଉକ୍ତ ସର୍ବସାଧାରଣ ନୋଟିସ କୁ ମୟୁରଭଞ୍ଜ ଜିଲ୍ଲା ସରକାରୀ ୱେବସାଇଟ **https://mayurbhanj.odisha.gov.in/** ରେ ମୟୁରଭଞ୍ଜ ଜିଲ୍ଲା ର ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ୦୧.୧୨.୨୦୨୫ ଠାରୁ "ୱେବସାଇଟ ହଷ୍ଟିଙ୍ଗ" କରିବାକୁ ଅନୁରୋଧ କରାଗଲା

୨୭.୧୧.୨୫

Additional District Magistrate
Mayurbhanj

ଅତିରିକ୍ତ ଜିଲ୍ଲା ପାଳ, ମୟୁରଭଞ୍ଜ - ତଥା –
ନୋଡାଲ ଅଧିକାରୀ , ଓ . ପି . ଆଇ . ଡି

ଜ୍ଞାପନ ସଂଖ୍ୟା ୫୫1୪ ତା ୨୨/11/୨୫ //

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ଙ୍କୁ ଜିଲ୍ଲାପାଳ, ମୟୁରଭଞ୍ଜ ଙ୍କ ସଦୟ ଅବଗତି ନିମନ୍ତ ପ୍ରେରଣ କରା ଗଲା ।

୨୭.୧୧.୨୫

Additional District Magistrate
Mayurbhanj

ଅତିରିକ୍ତ ଜିଲ୍ଲା ପାଳ, ମୟୁରଭଞ୍ଜ - ତଥା –
ନୋଡାଲ ଅଧିକାରୀ , ଓ . ପି . ଆଇ . ଡି